## ସଂକ୍ଷେପରେ

### ଓଲଟିଲା ନାଇଟ୍ କୋଚ୍, ୭ ଗୁରୁତର



**ପରଜଙ୍ଗ, ୯।୧୦(ଡି.ଏନ୍.ଏ.):** ପରଜଙ୍ଗ ଥାନା ଅଧୀନ ୧୪୯ନଂ. ଜାତୀୟ ରାଜପଥର ଭେଜିଆ ନିକଟରେ ଶନିବାର ବିଳମ୍ବିତ ରାତିରେ ଘରୋଇ ଯାତ୍ରୀବାହୀ ବସ୍ 'ରୋନି' ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୭ଜଣ ଯାତ୍ରୀ ଗୁରୁତର ହୋଇଥିବାବେଳେ ୬୦ରୁ ଊର୍ଦ୍ଧ୍ୱ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଉକ୍ତ ବସ୍ ରାଉରକେଲାରୁ ଯାଜପୁର ଯାଉଥିବା ବେଳେ ରାତି ପ୍ରାୟ ସାଢ଼େ ଦୁଇଟା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଗୁରୁତରମାନଙ୍କୁ ଉଦ୍ଧାର କରି ପ୍ରଥମେ ପରଜଙ୍ଗ ଏବଂ ପରେ ତାଳଚେର ମଣ୍ଡାପାଳସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଆହତଙ୍କ ମଧ୍ୟରୁ କେତେଜଣ ବାରିହାପୁରର ଏବଂ ଅନ୍ୟମାନେ ଯାଜପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଦୁର୍ଘଟଣା ଘଟାଇବା ପରେ ଚାଳକ ଫେରାର ହୋଇଯାଇଛନ୍ତି। ମହାବିରୋଡ ଫାଣ୍ଡି ପୋଲିସ ସହାୟତାରେ ଯାତ୍ରୀଙ୍କୁ ସେମାନଙ୍କ ଘରକୁ ପଠାଯାଇଛି।

### ହାତୀ ଛୁଆ ଜନ୍ମ



**ରାସୋଳ, ୯।୧୦(ଡି.ଏନ୍.ଏ.)** ହିନ୍ଦୋଳ ରେଞ୍ଜ୍ ରାସୋଳ ସେକ୍ସନ ଅଧୀନ ରଜାଙ୍ଗ ଗ୍ରାମ ଜଙ୍ଗଲରେ ଶନିବାର ଏକ ହାତୀ ଛୁଆ ଜନ୍ମ କରିଛି। ଜଙ୍ଗଲ ନିକଟବର୍ତ୍ତୀ ରାସ୍ତାକଡ଼ରେ ହାତୀଟି ପ୍ରସବ କରିଥିବାବେଳେ ମା' ଛୁଆ ପାଖେ ପାଖେ ଜଗି ରହିଛି। ବନ କର୍ମଚାରୀ ଉଭୟ ମାଈହାତୀ ଏବଂ ନବଜାତ ଛୁଆ ଉପରେ ନଜର ରଖିଛନ୍ତି। ଅନ୍ୟପଟେ ହାତୀଟି ଜନବସତି ମୁହାଁ ହେବା ଆଶଙ୍କା ଥିବାରୁ ଗ୍ରାମବାସୀଙ୍କୁ ସତର୍କ ରହିବାକୁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

### ନଷ୍ଟ କରାଗଲା ରଙ୍ଗମିଶା ଖାଦ୍ୟ

**ଢେଙ୍କାନାଳ ଅଫିସ, ୯।୧୦:** ଢେଙ୍କାନାଳରେ ଲକ୍ଷ୍ମୀପୂଜା ଆରମ୍ଭ ହୋଇଥିବାବେଳେ ନିମ୍ନମାନର ଖାଦ୍ୟ ପ୍ରସ୍ତୁତି ଏବଂ ବିକ୍ରୟ ଉପରେ କଡ଼ା ନଜର ରଖିଛି ଖାଦ୍ୟ ଓ ନିରାପତ୍ତା ବିଭାଗ। ଏହି ପରିପ୍ରେକ୍ଷୀରେ ରବିବାର ମହିଷାପାଟ ବାଇପାସ୍, କଲେଜ ବାଇପାସ, କୁଞ୍ଜକାନ୍ତ ଅଞ୍ଚଳର ପ୍ରାୟ ୨୫ ଛୋଟବଡ଼ ହୋଟେଲ, ଢାବା ଏବଂ ରାସ୍ତାପାର୍ଶ୍ୱ ଦୋକାନରେ ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। ୨୦ କେ.ଜି.ରୁ ଊର୍ଦ୍ଧ୍ୱ ରଙ୍ଗବୋଳା ଖାଦ୍ୟ ନଷ୍ଟ କରାଯାଇଥିବାବେଳେ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହୃତ ନିମ୍ନମାନର ସସ୍ ଓ ରଙ୍ଗ ଜବତ କରାଯାଇଛି। ସମ୍ପୃକ୍ତ ଦୋକାନୀଙ୍କୁ ତାଗିଦ କରାଯାଇଛି। ଆଗକୁ ଚଢ଼ାଉ ଜୋର୍‌ଦାର ହେବ। ସାମାନ୍ୟ ଅନିୟମିତତା ଦେଖିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ସାଉଥ୍ ବଲଣ୍ଡା ଚାମ୍ପିୟନ



**ସାତମାଇଲ, ୯।୧୦(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ଦୁଦୁରକୋଟସ୍ଥିତ ହିଲପାର୍କ ଷ୍ଟାଡିୟମ୍‌ରେ ୮ଟି ଦଳକୁ ନେଇ ଏକଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ୍ ମ୍ୟାଚ୍‌ରେ ତାଳଚେର ସାଉଥ୍‌ବଲଣ୍ଡା ଏବଂ ଅନୁଗୋଳ ବଉଲିଗଡ଼ ମୁହାଁମୁହିଁ ହୋଇଥିବାବେଳେ ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ଗୋଲ୍‌ଶୂନ୍ୟ ରହିଥିଲା। ଫଳାଫଳ ପାଇଁ ପେନାଲ୍‌ଟି ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିବାବେଳେ ସାଉଥ୍ ବଲଣ୍ଡା ୫-୪ ଗୋଲ୍‌ରେ ବିଜୟୀ ହୋଇଥିଲା। ଅଜିତ୍ ସାମଲ, ସଂଗ୍ରାମ ସାମଲ, ଜିତେନ୍ଦ୍ର ସାମଲ ମ୍ୟାଚ୍ ପରିଚାଳନା କରିଥିଲେ। ବର୍ଷା ସତ୍ତ୍ୱେ ଆଖପାଖ ଅଞ୍ଚଳର ବହୁ ଗ୍ରାମବାସୀ ମ୍ୟାଚ୍‌କୁ ଉପଭୋଗ କରିଥିଲେ। ଉଭୟ ଦଳକୁ ପୁରସ୍କୃତ କରାଯାଇଥିଲା। କିଷାନ ସାମଲ, ଲିଟୁ ସାମଲ, ତପନ ସାମଲ, ଶିବାନନ୍ଦ ଗଡ଼ନାୟକ, ଦନେଇ ମାଝି ପ୍ରମୁଖ ସହାୟତା କରିଥିଲେ।

# କାର୍ଯ୍ୟରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀମାନେ।

- ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କଲେ ଏସ୍‌ପି
- ଶ୍ରଦ୍ଧାଳୁଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୯।୧୦**

କରୋନା କଟକଣା ହଟିବା ପରେ ଦୁଇବର୍ଷ ବ୍ୟବଧାନରେ ଆଡମ୍ବର ସହକାରେ ଅନୁଷ୍ଠିତ ହେଉଛି ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜା। ଚଳିତବର୍ଷ ପ୍ରବଳ ଭିଡ଼ ହେବା ସମ୍ଭାବନା ରହିଛି। ମା'ଙ୍କୁ ଦର୍ଶନ ଲାଗି ସହରକୁ ଆସୁଥିବା ଆଗନ୍ତୁକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟରେ ଖିଲାପ କରୁଥିବା ଦୃଷ୍ଟିଗୋଚର ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ସତର୍କ କରାଇଛନ୍ତି।

ପୂଜା ସମୟରେ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରବିବାର ଅପରାହ୍ନ ସାଢ଼େ ୩ଟାରେ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏସ୍‌ପି ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି। ପୂଜା ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁ, ପର୍ଯ୍ୟଟକଙ୍କୁ ଭଦ୍ର ବ୍ୟବହାର ପ୍ରଦର୍ଶନ, ଯୁକ୍ତିତର୍କ କିମ୍ବା ଖରାପ ବ୍ୟବହାର ନ କରିବା ପାଇଁ ଏସ୍‌ପି ପରାମର୍ଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ଏସ୍‌ପି କିମ୍ବା ଅତିରିକ୍ତ ଏସ୍‌ପିଙ୍କୁ ଫୋନ ମାଧ୍ୟମରେ ଜଣାଇବା ପାଇଁ କୁହାଯାଇଛି।

ଏ ସମ୍ପର୍କରେ ସୂଚନା ଦେଇ ଏସ୍‌ପି କହିଛନ୍ତି, ପୂଜା ପାଇଁ ସହରକୁ ୨ଟି ଜୋନରେ ବିଭକ୍ତ କରାଯାଇଛି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ୪-୫ଟି ପ୍ରମୁଖ ବଜାରରେ ସିସିଟିଭି କ୍ୟାମେରା ଲଗାଯାଇଛି। ରଥଗଡ଼ାଠାରୁ ବାଜିଚୌକ ପର୍ଯ୍ୟନ୍ତ ବାଇକ୍ ଚଳାଚଳକୁ ବାରଣ କରାଯାଇଛି। ଅପରାହ୍ନ ୪ଟାରୁ ରାତି ୧୨ଟା ଯାଏ ସହରକୁ ୪ ଚକିଆ ଯାନ ପ୍ରବେଶ କରିପାରିବ ନାହିଁ। ପୂଜା ମଣ୍ଡପରେ ଅଳଙ୍କାର ସୁରକ୍ଷା ପାଇଁ ସଶସ୍ତ୍ର ପୋଲିସ ମୁତୟନ ହୋଇଛନ୍ତି। ଅବାଧ ଆମ୍ବୁଲାନ୍ସ ଚଳାଚଳକୁ ଗୁରୁତ୍ୱ ଦିଆଯାଇଛି। ପାଟ୍ରୋଲିଂ, ମଦ୍ୟପ, ପକେଟମାର ଧରପଗଡ଼ ଅଭିଯାନ ଜୋର୍‌ଦାର କରାଯାଇଥିବାବେଳେ ବୋମା ନିରୋଧୀ ସ୍କ୍ୱାଡ୍ ସଜାଗ ଅଛନ୍ତି। ରାଜ୍ୟପାଳ, ରାଜ୍ୟ ସରକାରଙ୍କ ମନ୍ତ୍ରୀ, ବରିଷ୍ଠ ଅଧିକାରୀଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଥିବାରୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ତାଲିକାଭୁକ୍ତ ଗଣମାଧ୍ୟମ ପ୍ରତିନିଧି ପରିଚୟପତ୍ର ଦେଖାଇ ବାଇକ୍‌ରେ ଯାଇପାରିବେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୮ ପ୍ଲାଟୁନ ଓଏସ୍‌ଏପି, ୫ ପ୍ଲାଟୁନ ଓଏପି ଫୋର୍ସ ମୁତୟନ କରାଯାଇଛି। ଏହାବାଦ୍ ୨ ଅତିରିକ୍ତ ଏସ୍‌ପି, ୭ ଡିଏସ୍‌ପି, ୧୭ ଇନ୍ସପେକ୍ଟର, ୯୪ ଏସ୍‌ଆଇ, ଏଏସ୍‌ଆଇଙ୍କ ସମେତ କନଷ୍ଟେବଲ, ଟ୍ରାଫିକ୍ କନଷ୍ଟେବଲ, ହୋମଗାର୍ଡ ଓ ମହିଳା ପୋଲିସ ସୁରକ୍ଷା ଦାୟିତ୍ୱ ତୁଲାଇବେ। ସମସ୍ତ ପରିସ୍ଥିତିର ସମ୍ମୁଖୀନ ହେବାକୁ ପୋଲିସ ପ୍ରସ୍ତୁତ ଅଛି। ଲକ୍ଷ୍ମୀପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଏସ୍‌ପି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ବୈଠକରେ ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଭବାନୀ ଶଙ୍କର ଉଦ୍‌ଗାତା, ଗୋଇନ୍ଦା ଡିଏସ୍‌ପି ଅରୁଣ କୁମାର ସାହୁଙ୍କ ସମେତ ବିଭାଗୀୟ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।



ସହରରେ ରଙ୍ଗିନ ଆଲୋକମାଳାର ରୋଷଣି।

## ବଜ୍ରପାତରେ ୪ ଗୁରୁତର





**ଭୁବନ, ୯।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ଏକତାଳି ଗ୍ରାମରେ ରବିବାର ଅପରାହ୍ନରେ ବଜ୍ରପାତ ଘଟି ୪ ଚାଷୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମୃଷା ରାଉତ (୫୮), ହରିହର ମାଝି (୭୨), ବିପିନ ବିହାରୀ ପଣ୍ଡା (୫୩), ପବିତ୍ର ସୂତାର (୫୫)। ଧାନ ବିଲରେ କାମ କରୁଥିବାବେଳେ ହଠାତ୍ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା। ସେମାନେ ଏକ ଗଛ ତଳେ ଆଶ୍ରୟ ନେଇଥିବାବେଳେ ବଜ୍ରପାତ ହୋଇଥିଲା। ଏଥିରେ ସମ୍ପୃକ୍ତ ୪ ଚାଷୀ ଗୁରୁତର ହୋଇଥିଲେ। ସେଠାରେ କାମ କରୁଥିବା ଅନ୍ୟ ଚାଷୀଙ୍କଠାରୁ ସୂଚନା ପାଇ ଗ୍ରାମବାସୀ ସେମାନଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପବିତ୍ରଙ୍କ ଜଙ୍ଘ ପୋଡ଼ି ଯାଇଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ସୁନାମ ଆଣିଲେ ଦୀପ୍ତିପ୍ରକାଶ, ଅଭିଲିପ୍ସା

**ଭୁବନ/ପରଜଙ୍ଗ, ୯।୧୦(ଡି.ଏନ୍.ଏ.)**

ସଦ୍ୟ ପ୍ରକାଶିତ ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷା-୨୦୨୦ରେ କୃତକାର୍ଯ୍ୟ ହୋଇ ଢେଙ୍କାନାଳ ଜିଲାର ଗୌରବ ବଢ଼ାଇଛନ୍ତି ଦୀପ୍ତିପ୍ରକାଶ ବେହେରା ଏବଂ ଅଭିଲିପ୍ସା ପ୍ରିୟଦର୍ଶନୀ। ଉଭୟଙ୍କ ଏହି ସଫଳତାରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

ଓସିଏସ୍ ପରୀକ୍ଷାରେ ଭୁବନ ବ୍ଲକ ଯମୁନାକୋଟ ଗ୍ରାମର ଦୀପ୍ତିପ୍ରକାଶ ବେହେରା ୫୨ ର୍‍ୟାଙ୍କ ହାସଲ କରିଛନ୍ତି। କେନ୍ଦୁଝରରୁ ପ୍ରାଥମିକ ଶିକ୍ଷା ହାସଲ କରିଥିବା ଦୀପ୍ତିପ୍ରକାଶ ଭୁବନେଶ୍ୱର ଓଡିଏମ୍ ସ୍କୁଲରୁ ଦଶମ ଶ୍ରେଣୀରେ ପାସ୍ କରିଥିଲେ। ଏହାପରେ କେନ୍ଦୁଝରରୁ ଏମ୍.ଟେକ୍ ସମ୍ପନ୍ନ କରି ମୁମ୍ବାଇରେ କୋଚିଂ ନେଇଥିଲେ। ସେ କିଛିଦିନ ପାଇଁ ସୋନପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଠିକାରେ କାମ ମଧ୍ୟ କରିଥିଲେ। ପରେ ଦିଲ୍ଲୀର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ତୃତୀୟ ପ୍ରଚେଷ୍ଟାରେ ସେ ଏହି ସଫଳତା ହାସଲ କରିଛନ୍ତି। ଏଥିପାଇଁ ସେ ମା' ନୀଳିମା ବେହେରା, ବାପା ଶ୍ରୀନିବାସ ବେହେରା ଏବଂ ଗାଇଡ୍ କରୁଥିବା ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ଦୀପ୍ତିପ୍ରକାଶଙ୍କୁ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଏବଂ ଗ୍ରାମ୍ୟ କମିଟି ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ସେହିପରି ପରଜଙ୍ଗ ବ୍ଲକ କନ୍ତୁର ଗ୍ରାମର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଯୁଗଳ କିଶୋର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଗଡ଼ତିଆଙ୍କ ଏକମାତ୍ର ଝିଅ ଅଭିଲିପ୍ସା ପ୍ରିୟଦର୍ଶନୀ ଓସିଏସ୍ ପରୀକ୍ଷାରେ ୨୦୮ ର୍‍ୟାଙ୍କ୍ ହାସଲ କରିଛନ୍ତି। ସେ ପରଜଙ୍ଗରେ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ଶୈଳବାଳା କଲେଜରୁ ଯୁକ୍ତ ୨ ଏବଂ ରେଭେନ୍‌ଶାରୁ ରସାୟନ ବିଜ୍ଞାନରେ ସ୍ନାତକ ପାସ୍ କରିଛନ୍ତି। ପୁଡୁଚେରୀ ବିଶ୍ୱବିଦ୍ୟାଳୟରୁ ପିଜି ଶେଷ କରିବା ପରେ ଏକ ଘରୋଇ କଲେଜରେ ସେ ଅଧ୍ୟାପନା ଦେଉଥିଲେ। ନିଜର ଦ୍ୱିତୀୟ ପ୍ରଚେଷ୍ଟାରେ ସେ କୃତକାର୍ଯ୍ୟ ହୋଇଛନ୍ତି। ଅଭିଲିପ୍ସାଙ୍କ ସଫଳତାରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।



ଦୀପ୍ତିପ୍ରକାଶ।



ଅଭିଲିପ୍ସା।

### ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ

# କଳାକାର ସୃଷ୍ଟି ପାଇଁ ପ୍ରୟାସ ଜାରି ରହୁ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୯।୧୦**

ଢେଙ୍କାନାଳ କୁମାରୋତ୍ସବ ସମିତି ପକ୍ଷରୁ ରବିବାର ସନ୍ଧ୍ୟାରେ ସ୍ଥାନୀୟ ପୁରୁଣା ଜିଲା ପରିଷଦ ହଲ୍ ସମ୍ମିଳନୀ କକ୍ଷରେ କୁମାରୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାମାଜିକ କର୍ମୀ ଗଙ୍ଗାଧର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଢେଙ୍କାନାଳ କଳା ସଂସ୍କୃତି ଓ ଭାଇଚାରାର ସହର। କୁମାର ପୂର୍ଣ୍ଣିମା ପାଳନ ଅବସରରେ ଏହି ଅନୁଷ୍ଠାନ ପ୍ରତିଭାବାନ କଳାକାର ସୃଷ୍ଟି କରିବାରେ ଯେଉଁ ପ୍ରୟାସ ଜାରି ରଖିଛନ୍ତି, ତାହା ପ୍ରଶଂସନୀୟ। ଏହି ଉଦ୍ୟମ ଜାରି ରଖିବା ପାଇଁ ସେ ନିବେଦନ କରିଛନ୍ତି। ଏଥିସହ ଶାନ୍ତିଶୃଙ୍ଖଳାର ସହ ଲକ୍ଷ୍ମୀପୂଜା ଉତ୍ସବ ପାଳନ ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ଅନୁଷ୍ଠାନର ସଭାପତି ସୁକାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଯୋଗଦେଇ କୁମାରୋତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପୌରାଧ୍ୟକ୍ଷ ଇନ୍ଦ୍ରମଣି ବେହେରା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବେହେରା, ସାହିତ୍ୟିକ ଆର୍ଯ୍ୟରତ୍ନ ଚକ୍ରଧର, ବିଶିଷ୍ଟ ବଂଶୀବାଦକ ଗଗନ ବିହାରୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ସୁଦର୍ଶନ ମାଟି ବିବରଣୀ ପାଠ, ଉପସଭାପତି କବି ଅଞ୍ଜନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ଅଥୟ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# କାଳୀପୂଜା ପାଇଁ ଉଠିଲା ମାଟି



ରଗଡ଼ିନାଳରୁ ଶୁଭମାଟି ଅନୁକୂଳ କରି ଅଣାଯାଉଛି।

**ଭୁବନ, ୯।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନର ପ୍ରସିଦ୍ଧ କାଳୀପୂଜା ପାଇଁ ରବିବାର ଶୁଭମାଟି ଅନୁକୂଳ କରାଯାଇଛି। କାଳୀବଜାର ବଣିକ ସଂଘ ସଭାପତି ସମୀର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏକ ପଟୁଆର ବାହାରିଥିଲା। ବାଜାବାଣ, ସଂକୀର୍ତ୍ତନମଣ୍ଡଳୀ ତାଳେତାଳେ ନଗର ପରିକ୍ରମା କରିବା ପରେ ଶୋଭାଯାତ୍ରା ରଗଡ଼ି ନାଳରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା ପରେ ମାଟି ଅନୁକୂଳ କରାଯାଇଥିଲା।

ଚଳିତବର୍ଷ ପୂଜା ଆଡମ୍ବରରେ ହେବ। ବଡ଼ପୂଜାରେ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଉପସଭାପତି କାର୍ତ୍ତିକ ପୃଷ୍ଟି, ସମ୍ପାଦକ ବିଶ୍ୱଜିତ ବାରିକ, ସହ ସମ୍ପାଦକ ଦୀପକ ସାହୁ, କୋଷାଧ୍ୟକ୍ଷ ଦିଲୀପ ମହାନ୍ତି, ବରିଷ୍ଠ କର୍ମକର୍ତ୍ତା ସରୋଜ ସାହୁ, ସୁବ୍ରତ ସାହୁ, ଜ୍ଞାନରଞ୍ଜନ ସାହୁ, ଗୌରାଙ୍ଗ ପୃଷ୍ଟି, ହିମାଂଶୁ ମହାରଣା, କରୁଣାକର ବାରିକଙ୍କ ସମେତ କାଳୀବଜାରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦାମୋଦର ବେଶ ଦର୍ଶନ

**ଢେଙ୍କାନାଳ ଅଫିସ, ୯।୧୦**

ଢେଙ୍କାନାଳ ଇସ୍କନ ସେଣ୍ଟରରେ କାର୍ତ୍ତିକ ବ୍ରତ ଉପଲକ୍ଷେ ରବିବାରଠାରୁ ଆରମ୍ଭ ହୋଇଛି ରାଇଦାମୋଦର ପୂଜା। ଏଥିସହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଗବାନ ଶ୍ରୀକୃଷ୍ଣଙ୍କ ଦାମୋଦର ବେଶକୁ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ଲବଣିଚୋରି ପୌରାଣିକ କଥାବସ୍ତୁ ଆଧାରରେ ସଜାଯାଇଥିବା ଶ୍ରୀକୃଷ୍ଣ ଏବଂ ମା' ଯଶୋଦାଙ୍କ ମୃଣ୍ମୟୀ ପ୍ରତିମା ଆଧ୍ୟାତ୍ମିକ ବାତାବରଣକୁ ବହୁଗୁଣିତ କରିଦେଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ଇସ୍କନ୍ ଅନୁଗାମୀ ଯୋଗଦେଇ ସାମୂହିକ କୀର୍ତ୍ତନରେ ସାମିଲ ହୋଇଥିଲେ। ପରେ ପ୍ରସାଦସେବନ ଅନୁଷ୍ଠିତ ହୋଇଥିଲା। ଏକ ମାସ ଯାଏ ଏହି ପୂଜା ଚାଲିବ ବୋଲି ଅନୁଷ୍ଠାନର ମୁଖ୍ୟ ପ୍ରଭୁଜୀ ପ୍ରେମ କିଶୋର ଦାସ ସୂଚନା ଦେଇଛନ୍ତି।



ପ୍ରଭୁ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଉପରେ ଆଧାରିତ ପ୍ରତିମା।

# ଭାଇଚାରା ବଜାୟ ରଖିବାକୁ ଆହ୍ୱାନ

### 'ନଟରାଜ କୁମାରୋତ୍ସବ' ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ, ୯।୧୦**

କଳା, ସଂସ୍କୃତି ଓ ସବୁଜିମାରେ ଭରପୂର ଢେଙ୍କାନାଳ ଜିଲା। ଏଠି ଭାଇଚାରା ମଧ୍ୟରେ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେଉଛି। ପରିବେଶ ସୁରକ୍ଷା ସହିତ ଏଭଳି ଭାତୃଭାବ ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ସ୍ଥାନୀୟ ମିନି ଷ୍ଟାଡିୟମ୍ ପରିସରରେ ସାଂସ୍କୃତିକ ଅନୁଷ୍ଠାନ 'ନଟରାଜ ସଙ୍ଗୀତ ମହାବିଦ୍ୟାଳୟ' ପକ୍ଷରୁ ଆୟୋଜିତ ୩୭ତମ କୁମାରୋତ୍ସବର ରବିବାର ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ସମ୍ମାନିତ ଅତିଥି ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. କହିଲେ, ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତରେ ପ୍ରତିଭାବାନ କଳାକାର ସୃଷ୍ଟି କରି ଜାତୀୟସ୍ତରରେ ଗୌରବ ହାସଲ କରିଥିବା ନଟରାଜ ସଙ୍ଗୀତ ମହାବିଦ୍ୟାଳୟର ଏଭଳି ଉଦ୍ୟମ ପ୍ରଶଂସନୀୟ। ପ୍ରତିଭାବାନ କଳାକାର ସୃଷ୍ଟି ପାଇଁ ଏଭଳି ପ୍ରୟାସ ଜାରି ରଖିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ଅନୁଷ୍ଠାନର ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା ପ୍ରମୁଖ ଯୋଗଦେଇ ଢେଙ୍କାନାଳର କଳା, ସଂସ୍କୃତି ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ନାରାୟଣ ସିଂ, ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ଶୈଳବାଳା ମିଶ୍ରଙ୍କୁ 'ନଟରାଜ ସମ୍ମାନ', ଅଂଶୁମାନ ଭରଦ୍ୱାଜଙ୍କୁ ଡ. ଗୋପୀନାଥ ନନ୍ଦ ସ୍ମୃତି ସମ୍ମାନ, ନିତାଶା ବେହେରା, ଅମ୍ରିତା ପ୍ରିୟଦର୍ଶିନୀ, ନାଇସ୍ ଅନୁନି ବର୍ଷାଙ୍କୁ 'ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

ଅନୁଷ୍ଠାନର ସଦସ୍ୟ ମଧୁସୂଦନ ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ସତ୍ୟନାରାୟଣ କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ନଟରାଜ କୁମାରୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାରେ ଜଣେ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଉଛି।

## ସଂକ୍ଷେପରେ

### ଅବନୀକାନ୍ତ ସାହୁ ତାମଡା ଅଧ୍ୟକ୍ଷ

ଅନୁଗୋଳ ଅଫିସ, ୯।୧୦: ତାଳଚେର-ଅନୁଗୋଳ- ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (ତାମଡା) ଅଧ୍ୟକ୍ଷ ଭାବେ ଅବନୀକାନ୍ତ ସାହୁଙ୍କୁ ଚୟନ କରାଯାଇଛି। ପୂର୍ବତନ ଅଧ୍ୟକ୍ଷ ଶକ୍ତି ପ୍ରସାଦ ପଟ୍ଟନାୟକଙ୍କ କାର୍ଯ୍ୟକାଳ ସରିବା ପରେ ଦୀର୍ଘଦିନ ହେଲା ଏହି ପଦବୀ ଖାଲି ପଡିଥିଲା।



ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାମଡା ଅଧ୍ୟକ୍ଷ ପଦ ପାଇଁ ଅବନୀକାନ୍ତ ସାହୁଙ୍କ ନାମକୁ ଅନୁମୋଦନ କରିଛନ୍ତି। ଅବନୀକାନ୍ତ ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅଧୀନ ଖମାର ବାରକୋଟିଆ ଗାଁର ହୋଇଥିବା ବେଳେ ବିଜେଡିର ଜଣେ ଦକ୍ଷ ସଙ୍ଗଠକ ଭାବେ ପରିଚିତ। ଦୀର୍ଘବର୍ଷ ହେଲା ଦଳ ସହିତ ରହିବା ସହ ତୃଣମୂଳସ୍ତରରେ ଦଳକୁ ମଜଭୁତ କରିବାରେ ତାଙ୍କର ବେଶ୍ ଭୂମିକା ରହିଛି। ତେବେ ନୂଆ ଦାୟିତ୍ୱ ଦିଆଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସେ ସାଧୁବାଦ ଦେବା ସହ ତାହାକୁ ସୂଚାରୁ ଭାବେ ପାଳନ କରିବେ ବୋଲି ପ୍ରତିକ୍ରିୟାରେ ଅବନୀକାନ୍ତ ପ୍ରକାଶ କରିଛନ୍ତି।

### ତାର ଜବତ, ୨ ଶିକାରୀ ଗିରଫ



ଛେଣ୍ଡିପଦା,୯।୧୦(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳର ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲ ନିକଟରୁ ବନ ବିଭାଗ ୬ କିଲୋଗ୍ରାମ ଜିଆଇ ତାର ଜବତ କରିବା ସହିତ ୨ଶିକାରୀଙ୍କୁ ଗିରଫ କରିଛି। ଗିରଫ ଶିକାରୀମାନେ ହେଲେ କସିଡିହ ଗ୍ରାମର ରବି ସାହୁ (୪୪) ଓ ବିଦ୍ୟାଧର ସାହୁ (୫୦)। ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲ ଦେଇଯାଇଥିବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାରରେ ହୁକ ପକାଇ ଏମାନେ ବନ୍ୟଜନ୍ତୁ ଶିକାର କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବନବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ କର୍ମଚାରୀମାନେ ଜଙ୍ଗଲରୁ ୬ କିଲୋଗ୍ରାମ ତାର ଜବତ କରିବା ସହିତ ୨ ଶିକାରୀଙ୍କୁ ଗିରଫ କରିଥିଲେ। ଏହି ଚଢାଉରେ ଫରେଷ୍ଟର ପଦ୍ମ ଚରଣ ସାହୁ, ବନରକ୍ଷୀ କବିତା ପ୍ରଧାନ, ଆଦିକନ୍ଦ ପ୍ରଧାନଙ୍କ ସମେତ ହାତୀ ସ୍କ୍ୱାଡ୍ ସାମିଲ ହୋଇଥିଲେ।

### ୧୬ ୱାର୍ଡର ସମୀକ୍ଷା

ଅନୁଗୋଳ ଅଫିସ, ୯।୧୦: ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ବଡ଼କେରଜାଙ୍ଗ ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ୧୬ଟି ୱାର୍ଡର ସମୀକ୍ଷା କରାଯାଇଥିଲା। ଏଥିସହ ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ସୁପାରିଶକ୍ରମେ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ କିଶୋରୀ ରାଉଳ ଓ ଜଗନ୍ନାଥ ବିଶ୍ୱାଳଙ୍କ ପ୍ରାଥମିକ ସଦସ୍ୟ ପଦ ୬ ବର୍ଷ ପାଇଁ ରଦ୍ଦ କରାଯାଇଥିଲା। ଏଥିସହ ଉଭୟଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା ବୋଲି ଅନୁଗୋଳ ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ ସୂଚନା ଦେଇଛନ୍ତି।

# ଆରମ୍ଭ ହେଲା ମା' ଲକ୍ଷ୍ମୀଙ୍କ ଆରାଧନା

- ବଇଣ୍ଡା ଅଞ୍ଚଳ ଉତ୍ସବମୁଖର
- ୬ ମଣ୍ଡପରେ ପୂଜା ପାଉଛନ୍ତି ଧନଦାତ୍ରୀ
- ୫ ଦିନ ଧରି ଧୁମ୍‌ଧାମରେ ଚାଲିବ ପୂଜା

ବଇଣ୍ଡା, ୯।୧୦ (ଡି.ଏନ.ଏ.)



**ଶ୍ରଦ୍ଧାଳୁଙ୍କ ଦୀର୍ଘଦିନର ଅପେକ୍ଷାର ହୋଇଛି ଅବସାନ। ଧରାବତରଣ କରିସାରିଛନ୍ତି ମା' ଲକ୍ଷ୍ମୀ। ଏଥିପାଇଁ ଉତ୍ସବମୁଖର ହୋଇପଡ଼ିଛି ବଇଣ୍ଡା ଅଞ୍ଚଳ। ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି ଗ୍ରାମ ପରିବେଶ।**

ଆରମ୍ଭ ହୋଇଛି ମା' ଲକ୍ଷ୍ମୀଙ୍କ ଆରାଧନା। ରବିବାର ବିଳମ୍ବିତ ରାତିରେ ପୂଜା ପାଇଛନ୍ତି ଧନଦାତ୍ରୀ। ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ବଇଣ୍ଡା। କରୋନା ପାଇଁ ଗତ ୨ ବର୍ଷ ଧରି ଏଠାରେ ଲକ୍ଷ୍ମୀ ପୂଜା ଫିକା ପଡ଼ିଥିବାରୁ ଚଳିତବର୍ଷ ଧୁମ୍‌ଧାମରେ ପୂଜା ଆୟୋଜନ କରାଯାଇଛି। ୬ଟି ମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା କରାଯାଇଛି। ରଙ୍ଗିନ ଆଲୋକମାଳାରେ ବଇଣ୍ଡା ଅଞ୍ଚଳ ଝଲସି ଉଠୁଛି। ୫ ଦିନ ଧରି ପୂଜା ପାଳନ ହେବାକୁ ଥିବାବେଳେ ସବୁଦିନ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି।

କିଶୋରନଗର ବ୍ଲକ ବଇଣ୍ଡାର କଦଳୀମୁଣ୍ଡା ଫ୍ରେଣ୍ଡସ କ୍ଲବ ପକ୍ଷରୁ ୧୯୯୯ରୁ ଲକ୍ଷ୍ମୀପୂଜା ପାଳନ କରାଯାଉଛି। କ୍ଲବର ରାଜେନ୍ଦ୍ର ସାହୁ, ଭାଲୁଆ ମହାପାତ୍ର, ଅଜିତ ପଟ୍ଟନାୟକ, ଜିତେନ୍ଦ୍ର ସାମଲ ପ୍ରଥମେ ଏହି ପୂଜା ଆରମ୍ଭ କରିଥିଲେ। ସେତେବେଳେ ମାତ୍ର ୪ ହଜାର ୨୦୦ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଚଳିତବର୍ଷ ବଜେଟ୍ ୩ ଲକ୍ଷ ଟଙ୍କା ରଖାଯାଇଛି। ୭ ଫୁଟ ଉଚ୍ଚତାର ମୂର୍ତ୍ତି ସହ ଆକର୍ଷଣୀୟ ମଣ୍ଡପ ନିର୍ମାଣ କରାଯାଇଛି। ପ୍ରତ୍ୟେକ ଦିନ ନାମ ସଂକୀର୍ତ୍ତନ ଓ ଗୋଟିଏ ଦିନ ୩ ହଜାର ଲୋକଙ୍କୁ ରାଜ ଭୋଗ ବଣ୍ଟନ କାର୍ଯ୍ୟକ୍ରମ ରହିଛି। ସେହିପରି ବଇଣ୍ଡା ବସ୍‌ଷ୍ଟାଣ୍ଡ ପୂଜା କମିଟି ପକ୍ଷରୁ ପୂଜା ପାଳନ କରାଯାଉଛି। ବଇଣ୍ଡା ଗ୍ରାମର ବାବାଜୀ ରାଉତ, ଲୁକା ରାଉତ ୧୯୭୧ ମସିହାରେ ଏଠାରେ ଲକ୍ଷ୍ମୀ ପୂଜା ଆରମ୍ଭ କରିଥିଲେ। ମାତ୍ର ୫୦୦ ଟଙ୍କାରୁ ଆରମ୍ଭ ହୋଇଥିବା ଏହି ପୂଜା ଆୟୋଜନ ଚଳିତବର୍ଷ ଦେଢ଼ଲକ୍ଷ ଟଙ୍କାରେ ପହଞ୍ଚିଛି। ଏଠାରେ ୬ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରାଯାଇଛି। ସମସ୍ତ ବସ୍‌ଯାତ୍ରୀଙ୍କ ସହ ୧ ହଜାର ଲୋକଙ୍କୁ ଅନ୍ନ ପ୍ରସାଦ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ୨୦୦୬ ମସିହାରୁ ବୈଷ୍ଣବସାହିରେ ପୂଜା ପାଳନ କରାଯାଇଆସୁଛି। ଗ୍ରାମର ମାନସ ରଞ୍ଜନ ସାହୁ, କୁନା ମାଝି, ନରେନ୍ଦ୍ର ବେହେରା, ବିପିନ ପରିଡା ପ୍ରମୁଖ ପ୍ରଥମେ ମା' ଲକ୍ଷ୍ମୀଙ୍କ ପୂଜା ପାଳନ କରିଥିଲେ। ଚଳିତବର୍ଷ ପୂଜା ପାଇଁ ଦେଢ଼ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଲୋକଙ୍କ ମନୋରଞ୍ଜନ ପାଇଁ ଭଜନ ସନ୍ଧ୍ୟା ଓ ୧୫୦୦ ଲୋକଙ୍କୁ ଅନ୍ନ ପ୍ରସାଦ ଦେବାର କାର୍ଯ୍ୟକ୍ରମ ରହିଛି। ଆନନ୍ଦମୁଣ୍ଡା ଗ୍ରାମରେ ଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ୨୦୦୩ ମସିହାରେ ଏଠାରେ ପ୍ରଥମେ ରଞ୍ଜନ ସାହୁ, ପ୍ରଶାନ୍ତ ସାହୁ ପୂଜା ଆରମ୍ଭ କରିଥିଲେ। ୩୦ ହଜାର ଟଙ୍କାରେ ସେତେବେଳେ ପୂଜା ଆୟୋଜନ କରାଯାଇଥିଲା। ହେଲେ ଚଳିତବର୍ଷ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ୮ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ ହୋଇଛି। ଏଠାରେ ଗୋଟିଏ ଦିନ ମେଲୋଡି କାର୍ଯ୍ୟକ୍ରମ ସହ ୪ଦିନ ଧରି ନାମ ସଂକୀର୍ତ୍ତନ ଓ ୨ ହଜାର ଲୋକଙ୍କ ପାଇଁ ଅନ୍ନ ବ୍ୟବସ୍ଥା କରାଯାଇଛି। ନୁନୁକାପଶି ଗ୍ରାମରେ ୨୦୧୫ ମସିହାରେ ବାଳକୃଷ୍ଣ ସ୍ୱାଇଁ, ପ୍ରଭାସ ଘିୱାଲା, ଦିତୀକୃଷ୍ଣ ପ୍ରଧାନ, ବିଷ୍ଣୁଚରଣ ବାରିକ ପ୍ରଥମେ ପୂଜା ପାଳନ କରିଥିଲେ। ଚଳିତ ବର୍ଷ ଏଠାରେ ପୂଜା ଆରମ୍ଭ ହୋଇଥିବା ବେଳେ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଦୈନିକ ୫ ଶହ ଓ ଗୋଟିଏ ଦିନ ୧ ହଜାର ଲୋକଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଠାରେ ସାଜସଜ୍ଜା ମୁଖ୍ୟ ଆକର୍ଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସେହିପରି ବାପୁଜୀ କ୍ଲବ ପକ୍ଷରୁ ମା' ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ୨୦୦୧ ମସିହାରେ କ୍ଷୀରୋଦ ମିର୍ଦ୍ଧା, ଜିତେନ ମୁଖୀ, ନାରାୟଣ ବାରିକ ପ୍ରମୁଖ ୫ ହଜାର ଟଙ୍କାରେ ପୂଜା ଆରମ୍ଭ କରିଥିଲେ। ଚଳିତ ବର୍ଷ ଏହି ପୂଜା ପାଇଁ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା କ୍ଲବ ପକ୍ଷରୁ କୁହାଯାଇଛି।

**୫୧ ବର୍ଷ ତଳେ ଆରମ୍ଭ ହୋଇଥିଲା ପୂଜା**



୫୧ ବର୍ଷ ପୂର୍ବେ ଗ୍ରାମର କେତେଜଣ ବ୍ୟକ୍ତି ଏହି ପୂଜା ଆରମ୍ଭ କରିଥିଲେ। ଏବେ ବସ୍‌ଷ୍ଟାଣ୍ଡ କମିଟିର ବ୍ୟବସାୟୀ ଓ ସାମାଜିକ କର୍ମୀମାନେ ପୂଜା ପାଇଁ ଅର୍ଥ ପ୍ରଦାନ କରୁଛନ୍ତି। ଚଳିତବର୍ଷ ଧୁମ୍‌ଧାମରେ ପୂଜା ପାଳନ ଆରମ୍ଭ ହୋଇଛି।

-ଅନିଲ କୁମାର ସାହୁ, ବସ୍‌ଷ୍ଟାଣ୍ଡ କମିଟି ସଭାପତି

**ଦୈନିକ ଅନ୍ନପ୍ରସାଦ ବଣ୍ଟନ**



ନୁନୁକାପଶି ସାହିବାସୀଙ୍କ ସହଯୋଗରେ ଏହି ପୂଜା ପାଳନ କରାଯାଉଛି। ପୂଜାକୁ ଆକର୍ଷଣୀୟ କରିବାକୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରତ୍ୟେକ ଦିନ ଅଞ୍ଚଳ ବାସୀଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯିବାର ବ୍ୟବସ୍ଥା ହୋଇଛି।

-ବାଳକୃଷ୍ଣ ସ୍ୱାଇଁ, ନୁନୁକାପଶି ପୂଜା କମିଟି ସଭାପତି

**ଆକର୍ଷଣୀୟ ସାଜସଜ୍ଜା କରାଯାଇଛି**



ଲକ୍ଷ୍ମୀପୂଜା ପାଇଁ ବଇଣ୍ଡା ଅଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଛି। ଗତ ୨ ବର୍ଷ ହେଲା ପୂଜା ନିରାଡ଼ମ୍ବର ଥିବାରୁ ଚଳିତବର୍ଷ ସାଜସଜ୍ଜା ଆକର୍ଷଣୀୟ ହୋଇଛି। ସମସ୍ତଙ୍କ ସହଯୋଗରେ ପୂଜା ପାଳନ କରାଯାଉଛି।

-ପଦ୍ମଲୋଚନ ସାହୁ, କଦଳୀମୁଣ୍ଡା ପୂଜା କମିଟି ସଭାପତି

**ଶାନ୍ତିଶୃଙ୍ଖଳାର ସହ ହେଉଛି ପୂଜା**



ଦୀର୍ଘ ୨୪ ବର୍ଷ ହେବ କଦଳୀମୁଣ୍ଡା ଫ୍ରେଣ୍ଡସ କ୍ଲବ ପକ୍ଷରୁ ଲକ୍ଷ୍ମୀ ପୂଜା ପାଳନ କରାଯାଉଛି। ଚଳିତବର୍ଷ ଅତ୍ୟନ୍ତ ଶାନ୍ତି ଶୃଙ୍ଖଳାର ସହ ପୂଜା ପାଳନର ବ୍ୟବସ୍ଥା ହୋଇଛି। ୩ ହଜାର ଲୋକଙ୍କୁ ଅନ୍ନ ପ୍ରସାଦ ବଣ୍ଟନର କାର୍ଯ୍ୟକ୍ରମ ରହିଛି।

-ଅଜିତ ପଟ୍ଟନାୟକ, ସଦସ୍ୟ, କଦଳୀମୁଣ୍ଡା ଫ୍ରେଣ୍ଡସ କ୍ଲବ

**ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ରହିଛି**



ବୈଷ୍ଣବସାହିରେ ଧୁମ୍‌ଧାମରେ ପୂଜା ପାଳନ କରାଯାଉଛି। ସାହିର ସମସ୍ତ ସଦସ୍ୟଙ୍କ ସହଯୋଗରେ ପୂଜା କରାଯାଉଥିବାରୁ ଲୋକଙ୍କ ମନୋରଞ୍ଜନ ପାଇଁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ରଖାଯାଇଛି।

-ମାନସ ରଞ୍ଜନ ସାହୁ, କର୍ମକର୍ତ୍ତା, ବୈଷ୍ଣବସାହି ପୂଜା କମିଟି

**ଆଲୋକ ସାଜସଜ୍ଜା ଦେଖିଲା ଭଳି**



ଲକ୍ଷ୍ମୀ ପୂଜା ପାଇଁ ବଇଣ୍ଡା ଅଞ୍ଚଳରେ କରାଯାଇଥିବା ଆଲୋକ ସାଜସଜ୍ଜା ଦେଖିଲା ଭଳି ହୋଇଛି। ସେହିପରି ବିଭିନ୍ନ କମିଟି ପକ୍ଷରୁ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ଥିବାରୁ ଏହା ଲୋକଙ୍କୁ ଆକର୍ଷିତ କରିବ।

-ସୌରଭ ମିଶ୍ର, କାର୍ଯ୍ୟକର୍ତ୍ତା ବୈଷ୍ଣବ ସାହି ପୂଜା କମିଟି

# ମା' ବ୍ରହ୍ମାୟଣୀଙ୍କ ବାର୍ଷିକ ଯାତ୍ରା

ବଅଁରପାଳ, ୯।୧୦ (ଡି.ଏନ.ଏ.)

ବଅଁରପାଳ ବ୍ଲକ ଗୋତମରା ଗ୍ରାମର ପ୍ରତ୍ୟକ୍ଷ ଦେବୀ ମା' ବ୍ରହ୍ମାୟଣୀଙ୍କ ବାର୍ଷିକ ଯାତ୍ରା ଆରମ୍ଭ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ରବିବାର ପ୍ରଥମ ଦିନରେ ଯାତ୍ରା ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ଦିଅଁ ଘରୁ ଠାକୁରାଣୀଙ୍କ ଆଲମକୁ ବିଭିନ୍ନ ବାଦ୍ୟ ବାଜଣାରେ ପୀଠସ୍ଥଳକୁ ଅଣାଯାଇଥିଲା। ଶୋଭାଯାତ୍ରାରେ ଘଣ୍ଟ ବାଦ୍ୟ, ପାଇକ ଖେଳ, ସାନ୍ତାଳୀ ନୃତ୍ୟ, ଲଉଡି ଖେଳ, ନାମ ସଂକୀର୍ତ୍ତନ ସହ ମେଲୋଡି ଓ ଡିଜେ ସାଉଣ୍ଡରେ ସମଗ୍ର ଗ୍ରାମ ପ୍ରକମ୍ପିତ ହୋଇଉଠିଥିଲା। ସନ୍ଧ୍ୟାରେ ମାଜଣା ପର୍ବ ସହ ରାତିରେ ବଡ଼ ପୂଜା ସମ୍ପନ୍ନ ହୋଇଥିଲା। ବହୁ ଶ୍ରଦ୍ଧାଳୁ ମାନସିକ ପୂରଣ ନିମନ୍ତେ ଅଧିଆ ପଡ଼ିଥିଲେ। ଯାତ୍ରା ଦେଖିବାକୁ ଆସିଥିବା ଲୋକମାନେ ଦୋଳି, ଖାଦ୍ୟ ଷ୍ଟଲ ଓ ମିନାବଜାର ବୁଲିବାର ମଜା ନେଇଥିଲେ। ଗ୍ରାମ ସଭାପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଯାତ୍ରା ଅନୁଷ୍ଠିତ ହେଉଛି। ସମ୍ପାଦକ ଦୟାନିଧି ବିଶ୍ୱାଳ, ଭରତ ମାଝି, ଉପେନ୍ଦ୍ର ସାମଲ, ଶ୍ରୀମୁଖ ଭୂତିଆ, ବାଲିଆ ସାମଲ, ସରପଞ୍ଚ ମଣ୍ଟୁ ବରାହ, ରାମ ମାଝି, ସତ୍ୟବାନ ବରାହ, ଦିଲୀପ ସାମଲ ପ୍ରମୁଖଙ୍କ ସମେତ ସମସ୍ତ ଗ୍ରାମବାସୀ ଯାତ୍ରା ପରିଚାଳନା କରୁଛନ୍ତି।



ମା'ଙ୍କ ଆଲମକୁ ଶୋଭାଯାତ୍ରାରେ ପୀଠସ୍ଥଳକୁ ଅଣାଯାଉଛି।

## ଝାଡ଼ାବାନ୍ତିରେ ୧୬ ଆକ୍ରାନ୍ତ

ବଇଣ୍ଡା,୯।୧୦(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତ ଦଳିତ ସାହିରେ କିଛିଦିନ ହେବ ଝାଡାବାନ୍ତି ବ୍ୟାପିଛି। ରବିବାର ୪ ଜଣ ଗୁରୁତର ହୋଇପଡିବା ପରେ ସ୍ୱାସ୍ଥ୍ୟ ବିଭାଗ ଓ ଆଠମଲ୍ଲିକ ବ୍ଲକ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଘଟଣାରୁ ଜଣାପଡିଛି, ସାହିର ୧୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ୨ଟି ନଳକୂଅ ରହିଛି। ହେଲେ ସେଥିରୁ ଲୁହାଟିଆ ପାଣି ବାହାରୁଥିବାରୁ ତାହା ବ୍ୟବହାରଯୋଗ୍ୟ ହୋଇପାରୁ ନାହିଁ। ଫଳରେ ଦୂଷିତ ପାଣି ପିଉଥିବାରୁ ଗ୍ରାମରେ ଝାଡାବାନ୍ତି ବ୍ୟାପିଥିବା କୁହାଯାଉଛି। ଗ୍ରାମର ପହଲି ନାୟକ, ତୃପ୍ତିମୟୀ ନାୟକ, ବିଶାଖା ନାୟକ, ଅନନ୍ୟା ନାୟକ, କ୍ରିସ ନାୟକ, ରାଧିକା ନାୟକ, ରୋଜାଲିନ ନାୟକ, ଲଳିତ ନାୟକ, ଭଜମନ ନାୟକ, ଆଲୋକ ନାୟକ, ଗଙ୍ଗାଧର ନାୟକ, ସୁଜାତା ନାୟକ, ପଇଁଚାଳି ନାୟକ, ଚିତ୍ରା ନାୟକ, ଲୋକନାଥ ନାୟକ ଗୁରୁତର ହୋଇଛନ୍ତି। ଶନିବାର ସୁଜାତା, ପଇଁଚାଳି, ଚିତ୍ରା, ଲୋକନାଥଙ୍କୁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରପାଇ ଆଠମଲ୍ଲିକ ବିଡିଓ ସୌଭାଗ୍ୟ ବେହେରା, ଏବିଡିଓ ଦିଲୀପ ପ୍ରଧାନ, ପାଇକସାହି ସରପଞ୍ଚ ନୀରଜକାନ୍ତ ସାହୁ, ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅତୁନ ପଟ୍ଟନାୟକ, ଅନୁଗୋଳ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବିନୋଦ କୁମାର ସାହୁ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଶାରଦୀୟ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ



ଶାରଦୀୟ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବର ଉଦ୍‌ଯାପନୀ ଦିବସରେ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ତାଳଚେର, ୯।୧୦ (ନି.ପ୍ର.)

ତାଳଚେର କିଶୋର କ୍ଲବ ପକ୍ଷରୁ ଆୟୋଜିତ ୫୭ତମ ଶାରଦୀୟ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ହଜାରେରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ କ୍ଲବର ଦୀର୍ଘ ୫୭ ବର୍ଷର ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ରାଜନେତା ରବିନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ହିଙ୍ଗୁଳା ଏରିଆ ଜିଏମ୍ ଅରୁଣ କୁମାର ସ୍ୱର୍ଣ୍ଣକାର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ପ୍ରେସ୍ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, କିଶୋର କ୍ଲବ ପୂର୍ବତନ ସମ୍ପାଦକ ଗଣେଶ୍ୱର ରାଏ, ସୁମନ୍ତ ମାଝି, ରାଜେଶ ରାଏ, ଲାଲମୋହନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ କାର୍ଯ୍ୟକାରୀ ସଭାପତି ପେଷ୍କାର ଗଡ଼ନାୟକ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଦୀପକ କୁମାର ଥମ୍ୱ ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ଲବ ପ୍ରତିଷ୍ଠାତା ବୃନ୍ଦାବନ ମାଝି, ବରିଷ୍ଠ ଡାକ୍ତର ସାସ୍ୱତ ସାଗର ମିଶ୍ରଙ୍କୁ କୋଭିଡ ଯୋଦ୍ଧା ଓ ଓଡ଼ିଶା ପ୍ରଶାସନିକ ସେବାରେ କୃତିତ୍ୱ ହାସଲ କରିଥିବା ଡାକ୍ତର ତୃପ୍ତିମୟୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୋଷ ମହାରଣା ମଞ୍ଚ ପରିଚାଳନା କରିଥିବା ବେଳେ ଯୁଗ୍ମ ସମ୍ପାଦକ ବିଜୟ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

# ଶୋଭାଯାତ୍ରାରେ ଆସିଲା ଆଲମ

ବନ୍ତଳା, ୯।୧୦ (ଡି.ଏନ.ଏ.)

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡା ଗ୍ରାମରେ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଗ୍ରାମେଶ୍ୱରୀ ମା' ବଗାଧରଙ୍କ ବାର୍ଷିକ ପୂଜା ଓ କୁମାର ପୂର୍ଣ୍ଣିମା ଉତ୍ସବ ପାଳନ କରାଯାଉଛି। ରବିବାର ପୂର୍ବାହ୍ନରେ ଗ୍ରାମର ସାମନ୍ତ ସାହିରେ ଥିବା ଦିଅଁ ଘରୁ ଗ୍ରାମେଶ୍ୱରୀଙ୍କ ସୁସଜ୍ଜିତ ଆଲମକୁ ଘଣ୍ଟ, ଢୋଲ, ମହୁରୀ, ବାଜା ସହ ଘଣ୍ଟୁଆ, ଲଉଡି ଖେଳ, ଶତାଧିକ ଛତ୍ରୀଧାରୀଙ୍କ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଠାକୁରାଣୀଙ୍କ ପୀଠ ସ୍ଥଳୀକୁ ଅଣାଯାଇଥିଲା। ପୂଜକ ଭାଗୀରଥି ଦେହୁରୀ ଏବଂ ସହଯୋଗୀଙ୍କ ଦ୍ୱାରା ପୂଜାନୀତି ସମ୍ପନ୍ନ କରାଯାଇଥିଲା। ମାଜଣା ସମୟରେ ସହଯୋଗୀ ପୂଜକ ନୀର ଦେହୁରୀ ମା'ଙ୍କ ଆଜ୍ଞାମାଳ ନେଇ କାଳିସୀଙ୍କୁ ନିମନ୍ତ୍ରଣ କରି ପୂଜା ମଣ୍ଡପକୁ ଆଣିଥିଲେ। ସନ୍ଧ୍ୟାରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୋଲିସ ପକ୍ଷରୁ ଯାତ୍ରାସ୍ଥଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ଦୁର୍ଗାଚରଣ ଦାସ, ନୀର ସାହୁ, ସରପଞ୍ଚ ପ୍ରକାଶ ଦେହୁରୀ, ଭଗବାନ ମହାପାତ୍ର, ଉତ୍ସବ ବେହେରା, ଗୋବିନ୍ଦ ସାମନ୍ତ, ରାଜ ବେହେରା, ପ୍ରେମାନନ୍ଦ ସାମନ୍ତ, ପ୍ରତାପ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ନିତ୍ୟାନନ୍ଦ ବେହେରା, ଅର୍ଜୁନ ସାହୁ, ଅକ୍ଷୟ ସାମନ୍ତ ପ୍ରମୁଖ ପରିଚାଳନା କରିଥିଲେ।



ମା'ଙ୍କ ଆଲମକୁ ଶୋଭାଯାତ୍ରାରେ ଅଣାଯାଉଛି।

# ବାଗଡ଼ିଆ ଥାନା ସ୍ଥାନାନ୍ତରର ପ୍ରତିବାଦ

ଛେଣ୍ଡିପଦା,୯।୧୦(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ଅଧୀନ ବାଗଡିଆ ବିଟ୍ ହାଉସକୁ ଏକ ନୂତନ ଥାନାରେ ରୂପାନ୍ତରିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ପ୍ରସ୍ତାବିତ ବାଗଡିଆ ଥାନାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିବା ପ୍ରତିବାଦରେ ରବିବାର ବାଗଡିଆ ପୁରୁଣା ହାଟପଦା ନିକଟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଟାଙ୍ଗିର ସରପଞ୍ଚ ଅମରେଶ ନାଥ ଅଧ୍ୟକ୍ଷତା କରିଥିଲେ। ଏଥିରେ ୫ଟି ପଞ୍ଚାୟତର ସରପଞ୍ଚ, ଗ୍ରାମ ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ରହି ବାଗଡିଆ ଥାନାକୁ ବାଗଡିଆଠାରେ ସ୍ଥାପନ କରାଯିବା ପାଇଁ ଦାବି କରିଥିଲେ। ଏହି ଅବସରରେ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ସରୋଜ କୁମାର ସାହୁ, ସମ୍ପାଦକ ବିରଞ୍ଚି ଗଡନାୟକ, ଉପସଭାପତି ଉମାକାନ୍ତ ପ୍ରଧାନ, ସହସମ୍ପାଦକ କରୁଣାକର ବିଶ୍ୱାଳଙ୍କ ସମେତ ଉପଦେଷ୍ଟା ଭାବେ ବାଗଡିଆ, ବରସାହି, ଶିମିଳିପାଳ, ବସନ୍ତପୁର, ଟାଙ୍ଗିର ଓ ପାଟକମୁଣ୍ଡା ପଞ୍ଚାୟତର ସରପଞ୍ଚ ଏବଂ ୩୦ରୁ ଊର୍ଦ୍ଧ୍ୱ ଗ୍ରାମ ସଭାପତି ଓ ସମ୍ପାଦକଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲେ। ବାଗଡିଆରେ ଏହି ଥାନା ପ୍ରତିଷ୍ଠା ନିମନ୍ତେ ପୋଲିସ ମହାନିର୍ଦ୍ଦେଶକ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଛେଣ୍ଡିପଦା ଥାନା ଅଧିକାରୀ, ତହସିଲଦାରଙ୍କୁ ଏକ ଦାବିପତ୍ର ଦେବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ୧୭ ତାରିଖ ମଧ୍ୟରେ ବାଗଡିଆରେ ଥାନା ପ୍ରତିଷ୍ଠା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ନ ମିଳିଲେ ୬ ପଞ୍ଚାୟତବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ସ୍ଥିର କରାଯାଇଥିଲା।




ବାଗଡିଆ ପୁରୁଣା ହାଟପଦା ନିକଟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପଞ୍ଚାୟତବାସୀ।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ଝାମ୍ପିନେଲେ ୫୦ ହଜାର

**ପରଜଙ୍ଗ, ୯।୧୦(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନାରେ ଡକାୟତ ଏବଂ ଛିନ୍ତାଇ ଗ୍ୟାଙ୍ଗ୍ ସକ୍ରିୟ ହୋଇଉଠିଛନ୍ତି। ଗତ ଦୁଇଦିନ ତଳେ ଥାନାଠାରୁ ମାତ୍ର ୬୦୦ ମିଟର ଦୂରରେ ରହୁଥିବା ଜଣେ ତେଜରାତି ଦୋକାନୀଙ୍କ ଘରୁ ୬ଜଣିଆ ଡକାୟତି ଦଳ ୧୦ ଲକ୍ଷର



ସୁନା ଅଲଙ୍କାର ଏବଂ ନଗଦ ଟଙ୍କା ଲୁଟି ନେଇଥିବାବେଳେ ରବିବାର ଅପରାହ୍ନରେ ବନ୍ଧୁକଧାରୀ ଲୁଟେରାଙ୍କ ଶିକାର ହୋଇଛନ୍ତି ଜଣେ ପାନମସଲା ବ୍ୟବସାୟୀ। ଅଭିଯୁକ୍ତମାନେ ତାଙ୍କଠାରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଛଡ଼ାଇ ନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ୩ଦିନ ମଧ୍ୟରେ ଏଭଳି ଦୁଇଟି ଘଟଣା ଅଞ୍ଚଳରେ ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଥିବାବେଳେ ଅଭିଯୁକ୍ତଙ୍କ ପାଖରେ ପୋଲିସ ପହଞ୍ଚି ପାରିନାହିଁ। ଲୁଟ୍‌ର ଶିକାର ହୋଇଥିବା କଣ୍ଢେଇଖୋଲ ଗ୍ରାମର ବ୍ୟବସାୟୀ ସର୍ବେଶ୍ୱର ସ୍ୱାଇଁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ଅପରାହ୍ନ ପ୍ରାୟ ୨ଟାରେ ବ୍ୟବସାୟ ସାରି ଏକ ସ୍କୁଟିରେ ଘରକୁ ଫେରୁଥିଲେ। ରେଙ୍ଗାଲି ବାମ କେନାଲ କୁଆଲୋ ଯାତ୍ରା ପଡ଼ିଆ ନିକଟରେ ଏକ ବାଇକ୍ (ନଂ. ଓଡ଼ି ୧୯ ଆର୍ ୧୫୪୭)ରେ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ବନ୍ଧୁକ ଦେଖାଇ ଭୟଭୀତ କରାଇ ତାଙ୍କଠାରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଛଡ଼ାଇନେଇ ବାଲିସାହି ଆଡ଼କୁ ପଳାଇଥିଲେ। ସର୍ବେଶ୍ୱରଙ୍କଠାରୁ ସୂଚନା ପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଛି। ଏ ନେଇ ଥାନାଧିକାରୀ ଦାୟିତ୍ୱରେ ଥିବା ଏସ୍‌ଆଇ ଗଙ୍ଗାଧର ରାଉଳ କୁହନ୍ତି, ସୂଚନା ମିଳିବା ପରେ ତୁରନ୍ତ ଘଟଣା ସ୍ଥଳରେ ପୋଲିସ ପହଞ୍ଚିଥିଲା। ଅଭିଯୁକ୍ତଙ୍କ ସନ୍ଧାନ ମିଳିପାରିନାହିଁ। ଅଭିଯୋଗକାରୀ ଦର୍ଶାଇଥିବା ଗାଡ଼ିର ନମ୍ବର ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା। ଏହା ଅନ୍ୟ ଏକ ଗାଡ଼ିର ନମ୍ବର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୋଲିସ ଘଟଣାର ତନାଘନା କରୁଛି।

# 'ଗ୍ରାମାଞ୍ଚଳରୁ କାର୍ଯ୍ୟ ଆରମ୍ଭ କଲେ ସଫଳ ହୋଇପାରିବ'



କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ସହ ଅନ୍ୟ ଅତିଥିମାନେ ମଞ୍ଚାସୀନ ଅଛନ୍ତି।

**ଅନୁଗୋଳ ଅଫିସ, ୯।୧୦**

ଅନୁଗୋଳ ନାଲ୍‌କୋନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅଭ୍ୟୁଦୟ ୟୁଥ୍ କ୍ଲବ ଦ୍ୱାରା ଆୟୋଜିତ ଏକଲ ଅଭିଯାନର ପ୍ରଥମ ପ୍ରାଦେଶିକ ଖେଳକୁଦ ସମାରୋହ ଅନୁଷ୍ଠିତ ହୋଇଯାଇଛି। ରବିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ, ଭାରତକୁ କେବଳ ମା' ଆଖ୍ୟା ଦିଆଯାଇଥାଏ। ଅନ୍ୟ କୌଣସି ଦେଶ ନିଜ ଦେଶକୁ ମା'ର ଆଖ୍ୟା ଦେଇ ନ ଥାନ୍ତି। ମା'ର ଯେଉଁ ମମତା, ସମର୍ପଣ ଓ ସହନଶୀଳତା କେବଳ ଭାରତ ବର୍ଷରେ ହିଁ ଦେଖାଯାଏ। ଛୋଟ ପିଲାମାନଙ୍କ ପାଖରେ ମାତୃସ୍ନେହ, ନିର୍ମାୟା ଏବଂ ନିଷ୍କପଟ ଭାବ ଦେଖିବାକୁ ମିଳିଥାଏ। ଜାତିର ଜନକ ମହାତ୍ମା ଗାନ୍ଧୀ ଅନୁଭବ କରିଥିଲେ ଗ୍ରାମ ସ୍ୱରାଜ କେବଳ ଗ୍ରାମାଞ୍ଚଳ ବା ବନବାସୀଙ୍କ ଦ୍ୱାରା ସମ୍ଭବ ହୋଇପାରିବ। ଯେ କୌଣସି କାର୍ଯ୍ୟ ଗ୍ରାମାଞ୍ଚଳରୁ ଆରମ୍ଭ କଲେ ସଫଳ ହୋଇପାରିବ ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ। ପରେ ମୁଖ୍ୟ ଅତିଥି ଖେଳକୁଦ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଲ୍‌କୋ ନିର୍ବାହୀ ଅଧିକାରୀ ଅମ୍ବିକା ପ୍ରସାଦ ପଣ୍ଡା, ଏକଲ ଅଭିଯାନ ଓଡ଼ିଶା ସମ୍ଭାଗର ସଭାପତି ଅଶୋକ କୁମାର ମୁଦୁଲି, ସମ୍ପାଦକ ରଥି ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିବାବେଳେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଗୋଳସ୍ଥିତ ସର୍କିଟ ହାଉସ ଠାରେ ରାଜ୍ୟପାଳ ପହଞ୍ଚିବା ପରେ ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅନୁଗୋଳ ଉପଜିଲାପାଳ ବଇତୁରା ଦୀପ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଭବ୍ୟ ସ୍ୱାଗତ ଜଣାଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
dklselfie@gmail.com



@ ରିତେଶ୍



@ ସୁମନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରଙ୍ଗିନ୍ ଆଲୋକରେ ଝଲସୁଛି ପୂଜା ମଣ୍ଡପ



କଣିହାଁ ବ୍ଲକରେ ଲକ୍ଷ୍ମୀପୂଜା।



ବଅଁରପାଳ ବ୍ଲକ ଗୋତମରା ରାଜଧାନୀ ସାହିରେ ଲକ୍ଷ୍ମୀପୂଜା।

**କଣିହାଁ/ ବଅଁରପାଳ,୯।୧୦ (ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓ ଗ୍ରାମରେ ରବିବାରଠାରୁ ଆରମ୍ଭ ହୋଇଛି ଗଜଲକ୍ଷ୍ମୀ ପୂଜା। ରେଙ୍ଗାଳି ପ୍ରକଳ୍ପ ଲକ୍ଷ୍ମୀ ବଜାର ବଣିକ ସଂଘ ପକ୍ଷରୁ ବ୍ୟବସାୟୀମାନେ ବ୍ରାହ୍ମଣୀ ନଦୀରୁ ଜଳ ଆଣି ପୂଜାମଣ୍ଡପଠାରେ ପହଞ୍ଚିଥିଲେ। ପରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିଲା। ସେହିପରି ପ୍ରକଳ୍ପସ୍ଥିତ ନୂଆ ବସ୍‌ଷ୍ଟାଣ୍ଡଠାରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି। ଗ୍ରାମର ୮ଟି କ୍ଲବ ପକ୍ଷରୁ ପ୍ରତିଯୋଗିତାମୂଳକ ଭାବେ ଆକର୍ଷଣୀୟ ପୂଜାମଣ୍ଡପ ସାଙ୍ଗକୁ ସୁଉଚ୍ଚ ତୋରଣ ତିଆରି କରାଯାଇଛି। ସମଗ୍ର ଗ୍ରାମ ରଙ୍ଗବେରଙ୍ଗ ଆଲୋକମାଳାରେ ସୁସଜ୍ଜିତ ହୋଇଛି। ରେଙ୍ଗାଳି ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଆଇଆଇସି ଓନାମ ଲାକ୍ରା ସୂଚନା ଦେଇଛନ୍ତି। ସେହିପରି କଣିହାଁ ବ୍ଲକର ଶତାଧିକ ଗ୍ରାମରେ ଲକ୍ଷ୍ମୀପୂଜା ପାଳିତ ହୋଇଥିବାବେଳେ ଜହ୍ନିଓଷା ଉତ୍ସବ ସମାପିତକୁ ନେଇ ଗ୍ରାମ ଚଳଚଞ୍ଚଳ ହୋଇଛି। ସେହିପରି ବଅଁରପାଳ ବ୍ଲକ ଗୋତମରା ରାଜଧାନୀ ସାହିରେ ଲକ୍ଷ୍ମୀପୂଜା ଆରମ୍ଭ ହୋଇଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁସଜ୍ଜିତ ମଣ୍ଡପ ହୋଇଛି। ଅନ୍ନପ୍ରସାଦ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ସଭାପତି ନୀଳମଣି ଅମାନ୍ତ, ସମ୍ପାଦକ କୃପାସିନ୍ଧୁ ସାମଲ, କୋଷାଧ୍ୟକ୍ଷ ସନନ୍ତ ବରାହ ପ୍ରମୁଖ ପରିଚଳନା କରୁଛନ୍ତି।

### ଯୁବକଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୯।୧୦(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବରହମ ଗ୍ରାମର ଶ୍ରୀପତି ପ୍ରଧାନଙ୍କୁ ସେହି ଗ୍ରାମର ଶ୍ରୀକର ପ୍ରଧାନ ମାଡ଼ ମାରିଥିବା ରବିବାର ଅଭିଯୋଗ ହୋଇଛି। ଏ ନେଇ ଶ୍ରୀପତିଙ୍କ ସ୍ତ୍ରୀ ରେବତୀ ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ନମ୍ବର ୨୪୪/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉଭୟଙ୍କ ପରିବାର ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ଶ୍ରୀପତି ଘରେ ଥିବାବେଳେ ତାଙ୍କୁ ଶ୍ରୀକର ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

**ଅନୁଗୋଳ ଅଫିସ, ୯।୧୦**

ଅନୁଗୋଳ ଥାନା ଅମଲାପଡ଼ାର ଲିପି ହେଦୁରୀ (୩୫) ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଅନୁଗୋଳ ପୋଲିସ ମେଡିକାଲ ସୂତ୍ରରୁ ଖବରପାଇ ସେଠାରେ ପହଞ୍ଚି ମୃତଦେହ ଜବତ କରିଛି। ଲିପିଙ୍କ ଶାଶୁଘର ହେଉଛି ଢେଙ୍କାନାଳ ସଦର ଥାନା କାଇମାଟି ଅଞ୍ଚଳରେ। ସେ ଅମଲାପଡ଼ାସ୍ଥିତ ବାପଘରେ ରହୁଥିଲେ। ସ୍ୱାମୀ ଏକ ବ୍ୟାଙ୍କରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରନ୍ତି। ମାନସିକ ଅବସ୍ଥା ଠିକ୍ ନ ଥିବାରୁ ଲିପି ଆତ୍ମହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଥିବା ପୋଲିସ ସୂଚନା ଦେଇଛି।

# ବୈଶାଖୀ ମେଳା ଆରମ୍ଭ



ବୈଶାଖୀ ବାଣିଜ୍ୟ ମେଳା ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୯।୧୦**

ଢେଙ୍କାନାଳ ଜୁବିଲି ଟାଉନ ବଜାରସ୍ଥିତ ମହିଷାପାଟ ଛକ ନିକଟରେ ରବିବାର ସନ୍ଧ୍ୟାରେ 'ବୈଶାଖୀ ବାଣିଜ୍ୟ ମେଳା' ଉଦ୍‌ଘାଟିତ ହୋଇଛି। ମେଳା ପରିସରରେ ୧୨୫ ଷ୍ଟଲ୍ ଖୋଲାଯାଇଛି। ୨୦୦ଟଙ୍କାର ମସଲା କିଣିଲେ ବିଭିନ୍ନ ପୁରସ୍କାର ରହିଛି। ସେହିପରି ମେଳାରେ ବିଭିନ୍ନ ରାଜ୍ୟର ପୋଷାକ, ଶାଢ଼ୀ, ହସ୍ତତନ୍ତ, ମନୋହରି ସାମଗ୍ରୀ ପ୍ରଦର୍ଶିତ ହେଉଛି। ରାଜସ୍ଥାନର ପାରମ୍ପରିକ ଖାଦ୍ୟ, ବାରିପଦାର ମୁଢ଼ିମାଂସ, ପତ୍ରପୋଡ଼ା ମାଛ ଭଳି ସ୍ୱାଦିଷ୍ଟ ବ୍ୟଞ୍ଜନ ପାଇଁ ସ୍ୱତନ୍ତ୍ର ଷ୍ଟଲ୍ ଖୋଲିଛି। ଦୈନିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ମେଳାକୁ ଆକର୍ଷଣୀୟ କରିବା ପାଇଁ ରୁଚି ମସଲା ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିବା ଜୁବିଲିଟାଉନ୍-୧ ପୂଜା ପ୍ରତିଷ୍ଠାନର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ବିନୋଦ କୁମାର ମହାନ୍ତି ପ୍ରମୁଖ ସୂଚନା ଦେଇଛନ୍ତି । ଏହି ମେଳା ୯ ରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ସରୋଜ କୁମାର ସେଠୀ, ଦିଲୀପ ସାହୁ, ଦେବୀ ପ୍ରସାଦ ଦାସ, ସଞ୍ଜୀବ ବେହେରା, ରମେଶ ସାହୁ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ।

# ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ବଞ୍ଚାଇଥିବାରୁ ପ୍ରଶଂସାପତ୍ର



ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିବା ବ୍ୟକ୍ତିମାନଙ୍କୁ ଏସ୍‌ପି ପ୍ରଶଂସାପତ୍ର ପ୍ରଦାନ କରୁଛନ୍ତି।

**ଅନୁଗୋଳ ଅଫିସ, ୯।୧୦**

ଦୁର୍ଘଟଣାଗ୍ରସ୍ତଙ୍କୁ ଠିକ୍ ସମୟରେ ଉଦ୍ଧାର ସହ ମେଡିକାଲ ପଠାଇ ସେମାନଙ୍କ ଜୀବନ ରକ୍ଷାରେ ସହାୟକ ହୋଇଥିବା ୫ ଜଣ ବ୍ୟକ୍ତିଙ୍କୁ ଅନୁଗୋଳ ଏସ୍‌ପିଙ୍କ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଗତ ସେପ୍ଟେମ୍ବର ୧୭ରେ ଖଜୁରିଝରଣ ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଗ୍ୟାସ୍ ବୋଝେଇ ଟ୍ରକ୍ ଚାଳକଙ୍କୁ ଉଦ୍ଧାର କରିଥିବାରୁ ଶଙ୍କର ଷଣ୍ଢ, ସୁରେନ୍ଦ୍ର ଭୋଇଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ସେହିପରି ସେପ୍ଟେମ୍ବର ୨୫ ତାରିଖ ଭୋର ୪ଟାରେ ଝିମିରିପାଲି ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଟଣାଗ୍ରସ୍ତ କାର୍‌ରୁ ଗୁରୁତରମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିବାରୁ ଧର୍ମେନ୍ଦ୍ର ସାହୁ, ମାନସ ରଞ୍ଜନ ସାହୁ ଓ ଭୋଳେଶ୍ୱର ସାହୁଙ୍କୁ ଏସ୍‌ପି ଜଗମୋହନ ମୀନା ପ୍ରଂଶସାପତ୍ର ପ୍ରଦାନ କରିଛନ୍ତି।

### ନୂତନ ସେତୁ ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୯।୧୦**

ଅନୁଗୋଳ ସହରରେ ଟ୍ରାଫିକ ସମସ୍ୟା ଦୂରୀକରଣ ନିମନ୍ତେ ଡେରଜାଙ୍ଗ କେନାଲ ଉପରେ ନିର୍ମାଣ ହୋଇଥିବା ସେତୁ ରବିବାର ଉଦ୍‌ଘାଟିତ ହୋଇଯାଇଛି। ତାମ୍ରିତ କଲୋନୀଠାରୁ ଇଡ୍‌କୋ ଛକ ପର୍ଯ୍ୟନ୍ତ ନିର୍ମିତ ଏହି ନୂତନ ସେତୁ ଦ୍ୱାରା ରାଜ ହୋଟେଲ ପିଟିସି ଛକଠାରୁ କଲେଜ ଛକ-ମହୀଧରପୁର ଦେଇ ଭୁବନେଶ୍ୱର ଆଡ଼କୁ ଚଳାଚଳ କରୁଥିବା ସମସ୍ତ ଯାନବାହନକୁ ଡାଇଭର୍ଟ କରାଯାଇପାରିବ। ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେତୁର ଉଦ୍‌ଘାଟନ କରିଥିଲେ। ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ନଗରପାଳ ଅକ୍ଷୟ ସାମନ୍ତ, କାଉନସିଲର ସୁକାନ୍ତି ଦାସ, କାଉନସିଲର ସଦା ପଣ୍ଡା, ସୁଶୀଲ ମୁଖୀ, ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ ନାଥ, ଅନୁଗୋଳ ବ୍ଲକ ବିଜେଡି ସଭାପତି ସରୋଜ ନାରାୟଣ ସାହୁ, ସରୋଜ ନାଏକ, ରାକେଶ ନନ୍ଦ, ଯୁବନେତା ଅରୁଣାଭ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ଅନୁଗୋଳ ରାଣୀଗୁଡ଼ା ଗ୍ରାମରେ ଲକ୍ଷ୍ମୀପୂଜା ଅବସରରେ କଳସ ଶୋଭାଯାତ୍ରା। (ଫଟୋ-ବୁବୁ)

# ଉତ୍କଳମଣି, ସାରଙ୍ଗଧରଙ୍କ ସ୍ମୃତିଚାରଣ



କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୯।୧୦**

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍‌ରେ ଜିଲା ପ୍ରଶାସନ ପକ୍ଷରୁ ରବିବାର ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ପୁଷ୍ପଲତା ରଥ, ନାଟ୍ୟକାର ଦୀନେଶ ଦାସ, ଗଣେଶ ବଜାର ପୂଜା ପ୍ରତିଷ୍ଠାନ ସମ୍ପାଦକ ବିଶ୍ୱନାଥ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଏହାପରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ଜନ୍ମତିଥି ଅବସରରେ ଜିଲାପାଳ, ଉପଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ବଳରାମ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ସେହିପରି ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ଗୋପବନ୍ଧୁ ଟାଉନ୍ ହଲ୍‌ସ୍ଥିତ ଉତ୍କଳମଣିଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ନାଗରିକ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ, ଉପସଭାପତି ଅଖିଳ ମହାପାତ୍ର, କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାହୁ, ବଳଦିଆବନ୍ଧର ପୂର୍ବତନ ସରପଞ୍ଚ ଜୟକୃଷ୍ଣ ଜେନା, ନଡିଆଳୀର ଶିଳ୍ପୋଦ୍ୟୋଗୀ କ୍ଷେତ୍ରବାସୀ ସାହୁ, ପ୍ରକାଶ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଖିରୁ ଜଣାପଡ଼ିବ ହୃଦ୍‌ଘାତ ଆଶଙ୍କା

### ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ଆଖି ଟେଷ୍ଟ କରିବ 'କ୍ୱାର୍ଜ'



**ଲଣ୍ଡନ, ୯।୧୦**

ବିଶ୍ୱରେ ହୃଦ୍‌ଘାତଜନିତ ମୃତ୍ୟୁସଂଖ୍ୟା ଉଦ୍‌ବେଗଜନକ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁସାରେ ପ୍ରତିବର୍ଷ ବିଶ୍ୱବ୍ୟାପୀ ପ୍ରାୟ ୧ କୋଟି ୮୦ ଲକ୍ଷ ଲୋକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟୁଛି। ଭାରତରେ ଯୁବବର୍ଗଙ୍କଠାରେ ଏଭଳି ସ୍ୱାସ୍ଥ୍ୟସଙ୍କଟ ଚିନ୍ତାର କାରଣ ପାଲଟିଥିବାବେଳେ ସମୟ ଆଗରୁ ଲୋକଙ୍କ ହୃଦ୍‌ରୋଗ ଆଶଙ୍କା କିମ୍ବା ଏଥିରେ କେହି ପୀଡ଼ିତ ଅଛନ୍ତି କି ନାହିଁ ତାହା ଜାଣିବା ପାଇଁ ବୈଜ୍ଞାନିକମାନେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ର ବ୍ୟବହାର କରିଛନ୍ତି। ଏଆଇ ସକ୍ଷମ ଏକ ଉପକରଣ ଦ୍ୱାରା କେବଳ ଆଖି ପରୀକ୍ଷାରୁ ଜଣଙ୍କଠାରେ ହୃଦ୍‌ରୋଗ ଆଶଙ୍କା କେତେ ତାହା ଜଣାପଡ଼ିବ। ଏହାଦ୍ୱାରା ସମୟ ପୂର୍ବରୁ ଜଣେ ଆବଶ୍ୟକ ଚିକିତ୍ସା ଏବଂ ଜୀବନଶୈଳୀ ଆପଣାଇପାରିବ ବୋଲି କୁହାଯାଇଛି। ଏ ସଂକ୍ରାନ୍ତୀୟ ଏକ ଗବେଷଣା ରିପୋର୍ଟ ବ୍ରିଟିଶ ଜର୍ନାଲ ଅଫ୍ ଅପ୍‌ଥାଲ୍‌ମୋଲୋଜିରେ ପ୍ରକାଶ ପାଇଛି।

ଏଆଇ ଟେକ୍ନୋଲୋଜି ସକ୍ଷମ ଏକ ଉପକରଣ 'କ୍ୱାର୍ଜ' ରେଟିନା ସ୍କାନ୍ କରି ୧ ମିନିଟ୍‌ରୁ ବି କମ୍ ସମୟରେ ହୃଦ୍‌ରୋଗ ବିଷୟରେ କହିପାରିବ ବୋଲି ଗବେଷଣାରୁ ଜଣାପଡ଼ିଛି। କୌଣସି ରକ୍ତ ପରୀକ୍ଷା କିମ୍ବା ରକ୍ତଚାପ ଟେଷ୍ଟ ବିନା ମଧ୍ୟ ଏହି ସ୍କାନିଂ ରିପୋର୍ଟ ହୃଦ୍‌ରୋଗ ସମ୍ବନ୍ଧୀୟ ଠିକ୍ ତଥ୍ୟ ଦେଇପାରିବ। ରେଟିନା ସ୍କାନ୍‌ରେ ଆଖିରେ ରକ୍ତ ସଞ୍ଚାଳନର ମାତ୍ରାରୁ ଜଣଙ୍କ ହୃଦ୍‌ଘାତ ହେବା ଆଶଙ୍କା କେତେ ରହିଛି ତାହା ଜଣାପଡ଼ିବ ବୋଲି ଗବେଷକମାନେ କହିଛନ୍ତି। ବ୍ରିଟେନ ବାୟୋବ୍ୟାଙ୍କରେ ଭାଗ ନେଇଥିବା ୮୮,୦୫୨ ଜଣଙ୍କ ଉପରେ ଏହି ଉପକରଣ ଦ୍ୱାରା ପରୀକ୍ଷଣ କରାଯାଇଥିଲା। ୪୦ରୁ ୬୯ ବର୍ଷୀୟ ଏହି ଅଂଶଗ୍ରହଣକାରୀଙ୍କ ଆଖି ସ୍କାନ୍ କରାଯାଇଥିଲା। ରେଟିନାରେ ରକ୍ତ ସଞ୍ଚାଳନ, ଶିରା ଧମନୀର ଆକାର ତଥା ଏଥିରେ ରକ୍ତ ପ୍ରବାହ ବେଳେ ଏହାର ଚଉଡ଼ା କେତେ ରହୁଛି ତାହା ନିରୀକ୍ଷଣ କରାଯାଇଥିଲା। ଏହବ୍ୟତୀତ ୟୁରୋପିଆନ୍ ପ୍ରୋସ୍‌ପେକ୍ଟିଭ୍ ଇନ୍‌ଭେଷ୍ଟିଗେଶନ୍ ଇନ୍‌ଟୁ କ୍ୟାନ୍‌ସର (ଏପିକ୍-ନର୍‌ଫୋକ୍)ରେ ଅଂଶଗ୍ରହଣ କରିଥିବା ୪୮ରୁ ୯୨ ବର୍ଷ ବୟସ ବର୍ଗର ୭,୪୧୧ ଜଣଙ୍କ ଉପରେ ମଧ୍ୟ ଏହି ମଡେଲରେ ଆଖି ପରୀକ୍ଷା କରାଯାଇଥିଲା। ପ୍ରାୟ ୭ରୁ ୯ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଇଥିଲା। ଏହି ସମୟ ମଧ୍ୟରେ ବାୟୋବ୍ୟାଙ୍କ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୩୨୭ ଜଣଙ୍କ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ କାରଣରୁ ମୃତ୍ୟୁ ଘଟିଥିବାବେଳେ ଏପିକ୍-ନର୍‌ଫୋକ୍‌ର ୨୦୧ ଜଣଙ୍କ ମୃତ୍ୟୁ ହୋଇଥିଲା।

